# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 April - 2026

*********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ମଧ୍ୟ ତିନୋଟି ସଂଶୋଧନ ବିଧେୟକ ଉପରେ ଜାରି ରହିଛି ଆଲୋଚନା
- ଓଡ଼ିଶାକୁ ମାଓବାଦୀ ମୁକ୍ତ ଘୋଷଣା କଲେ ରାଜ୍ୟ ସରକାର
- 'ନିଦାନ: ଯତ୍ନ ପାଇଁ ପ୍ରଥମ ପଦକ୍ଷେପ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ହିମୋଫିଲିଆ ଦିବସ'

ଏବଂ

- ରାଜ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ଏଲ୍‌ଏସ୍‌-ୱିମେନ୍ସ ରିଜର୍ଭେସନ

ଲୋକସଭା ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାନସଭାରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଗତକାଲି ଲୋକସଭାରେ ଆଗତ ୩ଟି ସଂଶୋଧନ ବିଧେୟକ ଉପରେ ଆଲୋଚନା ଆଜି ମଧ୍ୟ ଜାରି ରହିଛି । ତିନୋଟି ବିଧେୟକ ହେଉଛି- ସମ୍ବିଧାନ ୧୩୧ତମ ସଂଶୋଧନ ବିଧେୟକ, ସୀମା ପୁନଃନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଧେୟକ। ଆଜି ଅପରାହ୍ନରେ ଏହି ୩ଟି ବିଧେୟକ ଉପରେ ଭୋଟ୍ ଗ୍ରହଣ ହେବ । ଆଲୋଚନାରେ ଅଂଶ ଗ୍ରହଣ କରି ଡିଏମ୍‌କେ ସାଂସଦ କାନି ମୋଇ ବିଧେୟକକୁ ବିରୋଧ କରିବା ସହ ୨୦୨୩ରେ ସଂସଦରେ ଗୃହୀତ ମହିଳା ସଂରକ୍ଷଣ ନିୟମକୁ ନେଇ ପ୍ରଶ୍ନ କରିଛନ୍ତି । କଂଗ୍ରେସ ସାଂସଦ ଏହି ବିଧେୟକଗୁଡ଼ିକୁ ସମର୍ଥନ କରି ମହିଳା ସଂରକ୍ଷଣ କ୍ଷେତ୍ରରେ ଦେଶ ଏକ ହୋଇଛି ବୋଲି କହିଛନ୍ତି । ଲୋକସଭାରେ ୩ଟି ସଂଶୋଧନ ବିଧେୟକ ଉପରେ ଆଲୋଚନା ଜାରି ରହିଛି ।

# ନୋଟିଫାଏଡ୍ ୱିମେନ୍ସ ରିଜର୍ଭେସନ

ସମ୍ବିଧାନର ୧୦୬ତମ ସଂଶୋଧନ ଅନୁଯାୟୀ ନାରୀଶକ୍ତି ବନ୍ଦନ ଅଧିନିୟମ ଗତକାଲିଠାରୁ କାର୍ଯ୍ୟକାରୀ ହୋଇଛି । ୨୦୨୩ରେ ସଂସଦରେ ଏହି ଅଧିନିୟମ ପାରିତ ହେବା ପରେ ସଂଘୀୟ ଢ଼ାଞ୍ଚାର

ପ୍ରତ୍ୟେକଟି ସ୍ତରରେ ମହିଳାମାନଙ୍କ ଭାଗିଦାରିତାକୁ ନିଶ୍ଚିତ କରାଯାଇଥିଲା । ଅଧିନିୟମ ଅନୁଯାୟୀ ଲୋକସଭା ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା କ୍ଷେତ୍ରରେ ଏକତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ ।

## ଆର୍ଏସ୍-ହରିବଂଶ

ହରିବଂଶ ନାରାୟଣ ସିଂ ତୃତୀୟଥର ପାଇଁ ରାଜ୍ୟସଭାର ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡା ପ୍ରସ୍ତାବ ଆଗତ କରିବା ପରେ ହରିବଂଶଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଶ୍ରୀ ହରିବଂଶଙ୍କୁ ତୃତୀୟଥର ଲାଗି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଉପାଧ୍ୟକ୍ଷ ଭାବେ ହରିବଂଶଙ୍କ ଅଭିଜ୍ଞତା ତାଙ୍କର ନେତୃତ୍ୱକୁ ଆହୁରି ପ୍ରଭାବଶାଳୀ କରିଛି । ଗୃହକୁ ଗଠନମୂଳକ ଭାବରେ ଚଳାଇବା ଦିଗରେ ତାଙ୍କ ଅବଦାନ ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି.....

**- V/O –**

## ବୈଠକ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖରିଫ୍ ଋତୁ

ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ସମ୍ପର୍କରେ ଶ୍ରୀ ମାଝୀ ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ,ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ।

## ବିଜୁ ବାବୁ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଜି ୨୯ତମ ତିରୋଧାନ ଦିବସ ପାଳନ କରାଯାଉଛି। ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ବିଜୁ ପଟ୍ଟନାୟକଙ୍କ ପୂଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତ, ରାଜ୍ୟ ପାଇଁ ତାଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ।

**ମୁଖ୍ୟମନ୍ତ୍ରୀ** ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ବିଜୁ ବାବୁ ହେଉଛନ୍ତି, ଓଡ଼ିଶାକୁ ଭଲ ପାଉଥିବା ବ୍ୟକ୍ତିତ୍ୱ। ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଏବଂ ସାହସିକତା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

**- V/O -(CM)**

ଭୁବନେଶ୍ୱର ଜୟଦେବ ଭବନରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ସଂଗୀତ ପରିବେଷଣ କରାଯିବ।

ରାଜ୍ୟର ବିଭିନ୍ନ ସ୍ଥାନରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

**ରାୟଗଡ଼ା**ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

## ମାଓମୁକ୍ତ ଓଡ଼ିଶା

ଓଡ଼ିଶା ନିର୍ଦ୍ଧାରିତ ସମୟ ମଧ୍ୟରେ ମାଓବାଦୀ ମୁକ୍ତ ଘୋଷଣା କରିଛନ୍ତି ରାଜ୍ୟ ସରକାର। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ମାଓ ଗତିବିଧି ସଂପୂର୍ଣ୍ଣ ଶେଷ ହୋଇଛି। ପଡୋଶୀ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ଜାରି ରହିଥିବାରୁ ରାଜ୍ୟ ପୁଲିସ୍ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଏଥିସହ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର କାର୍ଯ୍ୟକଳାପ ଉପରେ ପୁଲିସ୍ ନଜର ରଖିଛି ବୋଲି ଶ୍ରୀ ଖୁରାନିୟା କହିଛନ୍ତି।

ଦେଶକୁ ସଂପୂର୍ଣ୍ଣ ମାଓବାଦୀ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ମାସ ୩୧ ତାରିଖ ଧାର୍ଯ୍ୟ କରାଯାଇଥିଲା।

## ଜଙ୍ଗଲ ନିଆଁ

ଜଙ୍ଗଲରେ ନିଆଁ ରୋକିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳ ବ୍ୟବହାର କରାଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ଆଦିବାସୀମାନଙ୍କ ପାରମ୍ପରିକ ପରମ୍ପରା ଅନୁଯାୟୀ, ଚାଷ ପାଇଁ ସେମାନେ ନିଆଁ ଲଗାଇଥାନ୍ତି। ବନବିଭାଗ ସେମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଏଥିସହିତ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଗାଁ ଲୋକଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଗଣତି-ମଣତି

**ପୁରୀ** ଶ୍ରୀମନ୍ଦିରରେ ଆଜି ତୃତୀୟ ଦିନରେ ଭିତର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟ ଜାରି ରହିଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସକାଳ ଧୂପ ନୀତି ପରେ ଗଣତି-ମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୯୭୮ ମସିହା ତାଲିକା ସହ ମେଳକ କରାଯାଇ ଗଣତି କରାଯାଉଛି। ରତ୍ନଭଣ୍ଡାରର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଗଣତି-ମଣତିରେ ସାମିଲ ଅଛନ୍ତି। ଗତକାଲି ସୁଦ୍ଧା ପ୍ରାୟ ୮୦ ପ୍ରକାରର ରତ୍ନ ଅଳଙ୍କାରର ଗଣତି ହୋଇଥିବା ଜଣାପଡିଛି। ଶ୍ରଦ୍ଧାଳୁମାନେ ବାହାର କାଠ ନିକଟରୁ ଶ୍ରୀଜୀଉଙ୍କ ଦର୍ଶନ କରୁଛନ୍ତି।

## ଜନଗଣନା

**ନବରଙ୍ଗପୁର** ଜିଲ୍ଲାରେ ଜନଗଣନା କାର୍ଯ୍ୟକ୍ରମରେ ଜିଲ୍ଲାବାସୀ ସହଯୋଗ କରିବା ପାଇଁ ଏକ ସଚେତନତା ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି। ଏହି

ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ଜନସାଧାରଣଙ୍କୁ ସଠିକ୍ ତଥ୍ୟ ପ୍ରଦାନ ପାଇଁ ସଚେତନ କରାଇବ। ଜିଲ୍ଲାରେ ଗତକାଲିସୁଦ୍ଧା ୨୨ ହଜାର ୭୨୯ଟି ଘର ଗଣନା କରାଯାଇଛି। ଏଥିପାଇଁ ମୋଟ୍ ୨ ହଜାର ୩୬୯ ଜଣ ଅଧିକାରୀ ଓ କର୍ମଚାରୀ ଗଣନାକାର୍ଯ୍ୟରେ ନିଯୁକ୍ତ ଅଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

## ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ** ଜିଲ୍ଲା ପ୍ରଶାସନ ଓ ମିଶନଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ମହିଳା ସଶକ୍ତୀକରଣ ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲା।

## ଜିଲ୍ଲା ପରିଷଦ ବୈଠକ

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲା ପରିଷଦର ୫୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା।

## କନ୍ୟା ବିବାହ

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଗୋଷ୍ଠିଗତ ବିବାହ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆର୍ଥିକ ସ୍ୱଚ୍ଛଳ ନଥିବା ୧୭ ଯୋଡାଙ୍କ ବିବାହ ଆସନ୍ତା ୨୧ ତାରିଖରେ ହେବାକୁ ସ୍ଥିର କରାଯାଇଛି। ଏହି ଯୋଜନା

ଅନୁଯାୟୀ, ନବବିବାହିତ ଦମ୍ପତ୍ତିଙ୍କୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**ନୂଆପଡ଼ା** ଜିଲ୍ଲାରେ ଚଳିତବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ସଫଳତା ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବିଶ୍ୱ ହେମୋଫିଲିଆ ଦିବସ

ବିଶ୍ୱ ହେମୋଫିଲିଆ ଦିବସ ଆଜି ପାଳନ କରାଯାଉଛି । ଚଳିତବର୍ଷର ପ୍ରସଙ୍ଗ ରହିଛି 'ନିଦାନ : ଯତ୍ନ ପାଇଁ ପ୍ରଥମ ପଦକ୍ଷେପ' । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରର କୌଣସି ସ୍ଥାନରୁ ରକ୍ତକ୍ଷରଣ ହେଲେ ତାହା ସହଜରେ ବନ୍ଦ ହୋଇନଥାଏ । ସମଗ୍ର ବିଶ୍ୱବାସୀଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ନିମନ୍ତେ ଏପ୍ରିଲ ୧୭ ତାରିଖକୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଉଛି । ୧୯୮୯ ମସିହା ଏପ୍ରିଲ ୧୭ ତାରିଖରେ ପ୍ରଥମଥର ପାଇଁ ବିଶ୍ୱ ହେମୋଫିଲିଆ ମହାସଂଘର ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍ନାବେଲଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ ଏହି ଦିବସର ପରିକଳ୍ପନା କରାଯାଇଥିଲା । ହେମୋଫିଲିଆ ଏକ ବଂଶାନୁକ୍ରମିକ ରକ୍ତସ୍ରାବ ବିଶୃଙ୍ଖଳା, ଯାହାଦ୍ୱାରା ରକ୍ତଜମାଟ ବାନ୍ଧୁଥିବା କାରକର ତ୍ରୁଟି ଯୋଗୁଁ ହୋଇଥାଏ । ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି, ପ୍ରତି ୨୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ

ତିନିଜଣ ହେମୋଫିଲିଆରେ ଆକ୍ରାନ୍ତ ହୋଇଥାନ୍ତି। ଏ ସମ୍ପର୍କରେ ଡାକ୍ତର **ଜୟନ୍ତ ପଣ୍ଡା** ଆକାଶବାଣୀକୁ କହିଛନ୍ତି....

## - V/O –

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପଶ୍ଚିମଭାଗ ଜିଲ୍ଲା ଗୁଡ଼ିକରେ ଗ୍ରୀଷ୍ମର ପ୍ରଭାବ ଅଧିକ ରହୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୨ ଦିନ  ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ନେଇ ପାଣିପାଗ  କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଭୁବନେଶ୍ୱର ଏବଂ କଟକରେ ତାପମାତ୍ରା ୩୫ ଦଶମିକ ୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆଗାମୀ ୨୪ ଘଣ୍ଟାରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ, ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜିଲ୍ଲାପାଳମାନଙ୍କ ହିଟ୍‌ୱେଭ ସମୀକ୍ଷା  ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲାର ଛଦୁଆରେ ସର୍ବାଧିକ ୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।